# ଓଡ଼ିଶା ମାଟିରେ ମାତୃଭାଷାପାଇଁ ସଂଘର୍ଷ - ୧୯୪୮ରୁ ୨୦୧୬

ସୁଭାଷଚନ୍ଦ୍ର ପଟ୍ଟନାୟକ

ଆଜି ବିଦାୟ ନେଇଥିବା ୨୦୧୬ ଥିଲା ଭାଷା ଆନ୍ଦୋଳନ ଜୀବନରେ ଅତି ମହାର୍ଘ ଉପଲବ୍ଧିର ବର୍ଷ , ଯାହାର ପ୍ରତିଟି ମୁହୂର୍ତ୍ତରେ ଭର୍ତ୍ତିହୋଇରହିଥିଲା ମାତୃଭାଷା ଓଡ଼ିଆର ଅଚଳାବସ୍ଥା ଦୂରକରିବା ପାଇଁ ସଂଘର୍ଷର ରୋମାଞ୍ଚ ଓ ତହିଁରେ ଆଂଶିକ ସାଫଲ୍ୟର ଆନନ୍ଦ । ଏ ରୋମାଞ୍ଚ ଥିଲା ଓଡ଼ିଆ ଜାତିର ଏବଂ ଏ ଆନନ୍ଦ ଥିଲା ଓଡ଼ିଆ ଜାତିର , ଯାହାକୁ ପ୍ରତିଦିନ ଚାରିଜଣଲେଖାଏଁ ଭାଷାପ୍ରାଣ ଓଡ଼ିଆ ହାତରେ କଳାପତାକା ଧରି ନୀରବ ପଦଯାତ୍ରା ମାଧ୍ୟମରେ ଆହରଣ କରିଛନ୍ତି ଜାତିପାଇଁ । କିନ୍ତୁ ଏଥିରେ ଆମେ ଅର୍ଜିଥିବା ଅନୁଭୂତି ୧୯୪୮ରେ ଓଡ଼ିଆକୁ ଆଇନତଃ ଓଡ଼ିଶାର ସରକାରୀ ଭାଷା କରିବା ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିବା ପୂଣ୍ୟଶ୍ଳୋକ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଅନୁଭୂତି ସହ ଏତେ ସମଞ୍ଜସ୍ୟମୟ ଯେ, ୨୦୧୬ ଶେଷରେ ତହିଁର ସ୍ମରଣ ଲାଗୁଛି ଅତ୍ୟନ୍ତ ପ୍ରାସଙ୍ଗିକ ।

ଅବଶ୍ୟ ୨୦୧୬ ଆମକୁ କେତେକ ଅନନ୍ୟ ଉପଲବ୍ଧି ଦେଇଛି , ଯାହା ୧୯୪୮ ଲକ୍ଷ୍ମୀନାରାୟଣଙ୍କୁ ଦେଇନଥିଲା । ପ୍ରଥମ ଉପଲବ୍ଧି ହେଲା – ଏକ ବ୍ୟକ୍ତିକୈନ୍ଦ୍ରିକ ଓ ସ୍ୱାର୍ଥଲିପ୍ସୁ ରାଜନୈତିକ ପରିସ୍ଥିତିରେ ଗାନ୍ଧୀୟ ଶୈଳୀରେ ସଂଘର୍ଷ ହିଁ ଜନସ୍ୱାର୍ଥ ହାସଲ ପାଇଁ ଏବେ ବି ସର୍ବଶକ୍ତିମାନ ପନ୍ଥା । ଏହି ଶୈଳୀର ମୌଳିକ ଶୃଙ୍ଖଳା ନ ଟପି , ଏହାର ପ୍ରୟୋଗକାଳରେ ପାରିସ୍ଥିତିକ ଉପଚାର ଦ୍ୱାରା ଏହାକୁ ଲକ୍ଷ୍ୟଭେଦୀ କରାଯାଇପାରେ ବୋଲି ଭାଷା ଆନ୍ଦୋଳନରେ ଆମ ପରୀକ୍ଷଣ ସଫଳ ହୋଇଛି । ଲୋକସମୁଦାୟଙ୍କ ସହ ସରବ ଆନ୍ଦୋଳନ ଥିଲା ଗାନ୍ଧୀଜୀଙ୍କ ଶୈଳୀ । ଲୋକସମୁଦାୟ ପାଇଁ ନୀରବ ଆନ୍ଦୋଳନ ହେଉଛି ଆମ ପଦ୍ଧତି । ଏହି ପଦ୍ଧତି ପ୍ରୟୋଗ କରି ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାଷାଜନନୀଙ୍କ ଅଚଳାବସ୍ଥା ଦୂର କରିବା ପାଇଁ ଦୁଇଟି ନୂଆ ବ୍ୟବସ୍ଥାପନ ଆମେ ହାସଲ କରିଛୁ । ସେଗୁଡ଼ିକ ହେଲା – (୧) ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ଅଧିନିୟମ, ୨୦୧୬ ଓ (୨) ଓଡ଼ିଶା ସରକାରୀ ଭାଷା ନିୟମାବଳୀ, ୨୦୧୬ । ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଏହା ସମ୍ଭାବନା ସୃଷ୍ଟି କରିଛି । ମାତ୍ର ଆମ ଲକ୍ଷ୍ୟଠାରୁ ଆମେ ଏବେ ବି ଦୂରରେ ଅଛୁ , କାରଣ ଲକ୍ଷ୍ମୀନାରାୟଣ ଯେପରି ଘରଡ଼ିଙ୍କ କୁମ୍ଭୀରଙ୍କ ଶୀକାର ହୋଇଥିଲେ, ଆମକୁ ବି ସେପରି ବଂଶବୁଡ଼ା ଡାହୁକଙ୍କ ଚକ୍ରାନ୍ତର ସମ୍ମୁଖୀନ ହେବାକୁ ପଡୁଛି ।

ଭାଷା ଆଇନର ଖିଲାପକାରୀକୁ ଦଣ୍ଡବିଧାନ ପାଇଁ ଆମେ ଯେଉଁ ଦାବି ରଖିଛୁ ତାହା ଏହି ଉଭୟ ବ୍ୟବସ୍ଥାପନରେ ମଞ୍ଜୁର ହୋଇନାହିଁ । ସଂଶୋଧନ ମାଧ୍ୟମରେ ତାହା ବିଧିବଦ୍ଧ କରିବାକୁ ହେବ । ତେଣୁ ୨୦୧୬ରେ ଆମ ଆନ୍ଦୋଳନ ସରିନାହିଁ, ୨୦୧୭କୁ ସଂପ୍ରସାରିତ ହୋଇଛି ।

କବି ଗଜାନନ ମିଶ୍ରଙ୍କ ଆମରଣ ଅନଶନ ଓଡ଼ିଆ ଭାଷାର ଗାରିମା ପୁନରୁଦ୍ଧାର ପାଇଁ ଜନଜାଗୃତିର ଏକ ନୂଆ ଅଧ୍ୟାୟ ସୃଷ୍ଟିକଲା ୨୦୧୫ ଜୁଲାଇରେ ଓ ସରକାରଙ୍କୁ ବାଧ୍ୟକଲା ଓଡ଼ିଆରେ ଓଡ଼ିଶା ଶାସନ ସୁନିଶ୍ଚିତ କରିବାକୁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାପାଇଁ ୨୦୧୫ ଜୁଲାଇ ୩୧ ତାରିଖରେ ଯହିଁରେ ଜଣେ ମନୋନିତ ସଭ୍ୟଭାବେ ମୁଁ ସ୍ଥାନିତ ହୋଇଥିଲି । ମୁଁ ଦେଖିଲି , ଦଣ୍ଡବିଧାନ ବ୍ୟବସ୍ଥା ନଥିବାରୁ ଓଡ଼ିଶା ସରକାରୀ ଭାଷା ଆଇନ, ୧୯୫୪କୁ କେହି ମାନୁନାହାନ୍ତି । ଆଇନଟି ପାରିତ ହେବା ବେଳେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତହିଁର ଉଲ୍ଲଂଘନ ପାଇଁ ଦଣ୍ଡବିଧାନର ଭୟଥିବା ହେତୁ ଅଣଓଡ଼ିଆ ପଦାଧିକାରୀମାନେ କିପରି ତତ୍ପରତାର ସହ ଓଡ଼ିଆଭାଷା ଶିଖିବାରେ ଲାଗିଛନ୍ତି ତହିଁର ସୂଚନା ଦେଇଥିଲେ । କିନ୍ତୁ ଅଣଓଡ଼ିଆ ଅମଲାମାନଙ୍କ ଚକ୍ରାନ୍ତ ହେତୁ ସେହି ବ୍ୟବସ୍ଥା ଆମ ଭାଷା ଆଇନରୁ ଉତ୍‌ଖାତ ହୋଇଯାଇଥିଲା ଓ ଆଇନ ଉଲ୍ଲଂଘନ ହେଲେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ

ପାଇଁ ନିୟମାବଳୀ ପ୍ରଣୟନର କ୍ଷମତା ବି ସରକାରଙ୍କୁ ଦିଆଯାଇନଥିଲା । ତେଣୁ , ନିୟମାବଳୀ ପ୍ରଣୟନର କ୍ଷମତା ସରକାର ଧାରଣ କରିବାପାଇଁ ଆଇନ ସଂଶୋଧନ ଓ ନିୟମାବଳୀ ପ୍ରଣୟନପାଇଁ ପ୍ରସ୍ତାବ ସହ ସେହି ବିଧାନଦ୍ୱୟର ଆବଶ୍ୟକୀୟ ଚିଠା ମୁଁ ପ୍ରଦାନ କରିଥିଲି, ଯାହା ପ୍ରକାଶିତ ହୋଇଛି ସରକାରୀ ନଭମଞ୍ଚ http://odia.odisha.gov.in/ର ପ୍ରସ୍ତାବ ଅଧ୍ୟାୟରେ http://odia.odisha.gov.in/niyama-bali.html ପୃଷ୍ଠାରେ ।

ମାତ୍ର ଦେଖାଗଲା , କେତେକ ଦେଶୀଇଂରାଜୀଆ ଆଇ.ଏ.ଏସ୍. ଅଫିସରଙ୍କ ଚକ୍ରାନ୍ତ ହେତୁ , ବିଶେଷତଃ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆଭାଷା ଅଡୁଆ ହୋଇଥିବା ହେତୁ, ଏହି ଯଥାର୍ଥ ପରାମର୍ଶକୁ ଭଣ୍ଡୁର କରିବାକୁ ସରକାର ଲାଗିଗଲେ ଓ ସ୍ୱାର୍ଥସର୍ବସ୍ୱ ମୁଷ୍ଟିମେୟ ସାହିତ୍ୟିକ ତାଙ୍କ ସହ ହାତ ମିଳାଇଲେ । ତା ଫଳରେ, ଆମ ଦାବି ଅନୁସାରେ ସରକାର ଭାଷା ଆଇନ ସଂଶୋଧନ କରି ନିୟମାବଳୀ ପ୍ରଣୟନର କ୍ଷମତା ନିଜ ହାତକୁ ନେଇଥିଲେ ମଧ୍ୟ, ଯେଉଁ ନିୟମାବଳୀ ପ୍ରଣୟନ କରିଛନ୍ତି ତହିଁରେ ଦଣ୍ଡବିଧାନର ବ୍ୟବସ୍ଥା ନାହିଁ । ୧୯୪୮ରେ ଲକ୍ଷ୍ମୀନାରାୟଣଙ୍କ ପ୍ରସ୍ତାବ ଯେଉଁ ଦଶା ଭୋଗିଲା, ଆମ ପ୍ରସ୍ତାବକୁ ସେହି ଦଶାରେ ପକାଇବାକୁ ଅପଚେଷ୍ଟା ହୋଇଛି ୨୦୧୬ରେ । ୧୯୪୮ରୁ ୨୦୧୬ – ଇଂରାଜୀ ଭାଷାଧିପତ୍ୟରୁ ମୁକ୍ତ ହେବାପାଇଁ ଲାଗିରହିଛି ଓଡ଼ିଆ ଭାଷାଜନନୀର ସଂଘର୍ଷ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ବିଧାନସଭାରେ ବରଗଡ଼ର ପ୍ରତିନିଧିତ୍ୱ କରୁଥିବା ଲକ୍ଷ୍ମୀନାରାୟଣ ଓଡ଼ିଆ ଭାଷାକୁ ଓଡ଼ିଶାର ସରକାରୀ ଭାଷା କରିବାକୁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ୧୯୪୮ ଏପ୍ରିଲ ପହିଲାରେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା । ମାତ୍ର ଆମ ସ୍ୱାଧୀନତା ପରେ ସେଦିନ ଆମ ପ୍ରଥମ ଉତ୍କଳ ଦିବସରେ ହିଁ ବଙ୍ଗଭାଷୀ ରାଜକୃଷ୍ଣ ବୋଷ ଓ ମନ୍ତ୍ରୀ ବନିଥିବା ଦେଶୀଇଂରାଜୀଆ ନିତ୍ୟାନନ୍ଦ କାନୁନଗୋଙ୍କ ପରି ବ୍ୟକ୍ତିମାନଙ୍କ "ଟୀକା ଟିପ୍ପଣୀ" ମାଡ଼ରେ ତାଙ୍କୁ କ୍ଷତାକ୍ତ ହେବାକୁ ପଡ଼ିଥିଲା । ଓଡ଼ିଆଜାତିର ସେହି ଛଦ୍ମଘାତକମାନଙ୍କ ଶବ୍ଦାଘାତରେ ସେ ବାଧ୍ୟ ହୋଇଥଲେ ନିଜ ପ୍ରସ୍ତାବ ପ୍ରତ୍ୟାହାର କରିନେବାକୁ । "ପ୍ରତ୍ୟାହାର ନ କରିବା ମୋର କ୍ଷମତା ବହିର୍ଭୂତ" ବୋଲି କହି ସେଦିନ କାନ୍ଦିଉଠିଥିଲେ ଓଡ଼ିଆ ଜାତିର ସେହି ପରମ ନମସ୍ୟ ନେତା ଅତି ଅସହାୟ ଭାବରେ । ପ୍ରଧାନମନ୍ତ୍ରୀ ପଦବୀରେ ଥାଇ ହରେକୃଷ୍ଣ ମହତାବ ସେହି ଅସହାୟତାକୁ ଆକଣ୍ଠ ଉପଭୋଗ କରିଥିଲେ, ଯେହେତୁ ଅଣଓଡ଼ିଆଙ୍କୁ ସନ୍ତୁଷ୍ଟ କରି ରାଜନୀତିର ଶିଡ଼ିରେ ଉପରକୁ ଉଠିବାର ମହତ୍ୱାକାଙ୍କ୍ଷା ଓ ମହତାବ ଥିଲେ ସମାର୍ଥବାଚକ ।

ଅଣଓଡ଼ିଆଙ୍କ " ସାଙ୍ଗପାଙ୍ଗ , ଯେଉଁମାନେ ଏ ସରକାର ଚଳାଉଛନ୍ତି ", ସେମାନଙ୍କ ଚାପରେ ପ୍ରସ୍ତାବଟିକୁ ପ୍ରତ୍ୟାହାର କରିନେବାକୁ ସେ ବାଧ୍ୟ ହେଉଛନ୍ତି ବୋଲି ସୂଚାଇ , ସେଦିନ ଓଡ଼ିଆ ମାଟିର ସେହି ମହାପୁରୁଷ କହିଥିଲେ , " ଯେଉଁ ସ୍ୱାଧିକାର ପ୍ରମତ୍ତ ଇଂରେଜ କେବଳ ଶସ୍ତ୍ର ବଳରେ ଆମକୁ ପରାଧୀନ କରି ରଖିଥିଲେ, ସେହି ଇଂରେଜଙ୍କ ଭାଷା ପ୍ରତି ଆମେ ଅପ୍ରତୀତିଗମ୍ୟ ସଂପୂର୍ଣ୍ଣ ଅଯୌକ୍ତିକ ଆଗ୍ରହ ବିଶେଷ ଭାବରେ ପ୍ରକାଶ କରୁଥିବାରୁ ଏହି ପରାଧୀନତାର ଶୃଙ୍ଖଳକୁ ସେହି ଇଂରେଜ ଆମଠାରେ ଦୃଢୀଭୂତ କରିପାରୁଥିଲେ " । ତେଣୁ ସ୍ୱାଧୀନତା ପରେ ମଧ୍ୟ ସେହି ଇଂରାଜୀଭାଷାରେ ଶାସନ ଚଳାଇବା ସ୍ୱାଧୀନତା ସତ୍ତ୍ୱେ ଆମ ଲୋକଙ୍କୁ ପରାଧୀନ କରି ରଖିବା ସହ ସମାନ ବୋଲି ସେ କହିଥିଲେ ।

ଗୃହରେ ସଭ୍ୟ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ " ସମବେଦନା ଅନୁକଂପା ନିବନ୍ଧିତ " ହୋଇ ସେ କହିଥିଲେ , " ଏ ପ୍ରସ୍ତାବ ଗୃହୀତ ହେଉ ବା ନହେଉ , ପରାଭୂତ ପଛକେ ହେଉ , ଯେଉଁମାନେ ଏ ବନ୍ଧୁର ପଥରେ ଗଭୀର ଅନ୍ଧକାର ଭିତରେ ଓ ଅନ୍ଧତମ ରଜନୀରେ ଆଲୋକବର୍ତ୍ତିକା ନଥାଇ ପ୍ରବଳ ପରାକ୍ରାନ୍ତ ପ୍ରତାପୀ ବିଦେଶୀ ସରକାର ସହିତ ଯୁଦ୍ଧ କରି ମାତୃଭୂମିକୁ ପରାଧୀନତାରୁ ବିମୁକ୍ତ କଲେ, ସେହିମାନେ ଯଦି ରାଷ୍ଟ୍ରଭାଷାର ଅସ୍ତିତ୍ୱ ନରଖନ୍ତି, ତେବେ ରାଷ୍ଟ୍ରର ଅସ୍ତିତ୍ୱ ରହିବା ସଂପୂର୍ଣ୍ଣ ଅସମ୍ଭବ । ଓଡ଼ିଶା ଗୋଟିଏ ରାଷ୍ଟ୍ର । ଓଡ଼ିଶା ଆମ ଦେଶ । ଓଡ଼ିଆ ଆମ ଦେଶର State Language । ଆମମାନଙ୍କ ସଦସ୍ୟପୁଙ୍ଗବ ମଧ୍ୟ ତାଙ୍କ ଭାଷଣରେ କହି ଯାଇଛନ୍ତି ଯେ , ଓଡ଼ିଶା ଗୋଟିଏ State । ଏହି Stateର ସ୍ୱତନ୍ତ୍ର ଭାଷା ଅଛି ।

ସେଟା ବଙ୍ଗଳା ନୁହେଁ , ସେଟା ତେଲୁଗୁ ନୁହେଁ  କି ମାଲାୟାଲାମ ନୁହେଁ । ସେଟା ଓଡ଼ିଆ - ସେଟା ପୁଣ୍ୟଶ୍ଲୋକ ମଧୁସୂଦନଙ୍କ ଓଡ଼ିଆ , ଉତ୍କଳମଣି ଗୋପବନ୍ଧୁଙ୍କ ଓଡ଼ିଆ  ଏବଂ ଆଦି କବି ସାରଳା ଦାସଙ୍କ ଓଡ଼ିଆ । "

ହତଭାଗିନୀ ମା ଓଡ଼ିଶା , ଭାଷାଜନନୀ ଓଡ଼ିଆ ସତେ ଯେମିତି ସେଦିନ କ୍ରନ୍ଦନ କରିଉଠିଥିଲେ ଓଡ଼ିଆଜାତିର ସେହି ଚିରବନ୍ଦ୍ୟ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ କଣ୍ଠରେ, ଯାହା ରାଜକୃଷ୍ଣ ବୋଷ ଓ ନିତ୍ୟାନନ୍ଦ କାନୁନଗୋଙ୍କ ପରି ଓଡ଼ିଆବିଦ୍ୱେଷୀଙ୍କ ବିଭତ୍ସ ଆନନ୍ଦର ଅତଡ଼ା ତଳେ ଚାପି ହୋଇଯାଇଥିଲା । କ୍ଷମତା ମଦମତ୍ତ ମହତାବ ପ୍ରଧାନମନ୍ତ୍ରୀ ଥାଇ ନୀରବ ରହିଥିଲେ । ସ୍ୱାଧୀନତା ପୂର୍ବରୁ ଶୀର୍ଷ ମର୍ଯ୍ୟାଦା ପାଇଥିବା ଓଡ଼ିଆଭାଷା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଇଂରାଜୀର ଆଧିପତ୍ୟ କବଳରେ ପଡ଼ିଗଲା ଆମ ସ୍ୱାଧୀନ ମାଟିରେ ପରିପାଳିତ ସେହି ପ୍ରଥମ ଉତ୍କଳ ଦିବସରେ ।

ଆଜି ଯାଏଁ ଏହି ସଂଘର୍ଷ ଚାଲିଛି । ଓଡ଼ିଶାରେ ଓଡ଼ିଆ ଭାଷାରେ ହିଁ ଯେପରି ଶାସନ ଚାଲେ ତା ପାଇଁ ଆମେ ଦେଇଥିବା ଆଇନ ନିର୍ମାଣର ପ୍ରସ୍ତାବ ସରକାରୀ ନଭମଞ୍ଚରେ ପଡ଼ିରହିଥିବାବେଳେ  ସେଦିନ ସରକାରର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା "ସଦସ୍ୟପୁଙ୍ଗବ" ନିତ୍ୟାନନ୍ଦ କାନୁନଗୋଙ୍କ ପରି ଏବ ସରକାରଙ୍କ ଭାଷାନୀତି ପ୍ରଣେତା ବନିଥିବା ଭାଷାବିତ୍‌ପୁଙ୍ଗବ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ବି ଆମ ପ୍ରତି ଅତି କୁତ୍ସିତ ଶବ୍ଦରେ " ଟୀକା ଟିପ୍ପଣୀ " ଫିଙ୍ଗିବାରେ ଲାଗିଛନ୍ତି । ଏହା ଲକ୍ଷ୍ୟ କରି ଓଡ଼ିଶାର ଜଣେ ପ୍ରଥୀତଯଶା ସାମ୍ବାଦିକ  ନଭମଞ୍ଚରେ ଲେଖିଛନ୍ତି , "The Government has been helped in no small measure by a group led by eminent linguist Dr. Debi Prasanna Pattanayak, which has done (and is doing) everything that it can to discredit the Bhasha Andolan , the informal, loosely-bound organisation led by Veteran journalist Subhas Chandra Pattanayak, which is spearheading the agitation for use of Odia in all official work........the vitriol being poured out by Dr. Pattanayak and his camp followers against the Bhasha Andolan movement .....in the vernacular and social media has to be seen to be believed"  (Odia: Nothing 'official about it!, Sandeep Sahu, September 8, 2016)

ଓଡ଼ିଆ ଭାଷାକୁ ଶାସନର ଭାଷା କରାଇ ନଦେବାକୁ ସ୍ନ ୧୯୪୮ ସହ ୨୦୧୬ର ଏହି ଦାରୁଣ ସାମଞ୍ଜସ୍ୟ ସତ୍ତ୍ୱେ ଭାଷା ଆନ୍ଦୋଳନ ଚାଲିଛି ଓ ଚାଲିବ । ଏବଂ ୨୦୧୭ରେ ଆମ ପ୍ରଦତ୍ତ ପ୍ରସ୍ତାବ ଗ୍ରହଣ କରିବାକୁ ସରକାର ବାଧ୍ୟହେବେ । କାରଣ ୨୦୧୬ର ଭାଷା ଆନ୍ଦୋଳନ ସାବ୍ୟସ୍ତ କରିଛି ଯେ , ୧୯୪୮ରୁ ଏପର୍ଯ୍ୟନ୍ତ ଓଡ଼ିଆଜାତିର ଭାଷାପ୍ରେମ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ବଞ୍ଚିରହିଛି  ।

ବଞ୍ଚିରହିଥିବା ମାଆକୁ ମୁମୂର୍ଷୁ ଅବସ୍ଥାରୁ ଉଦ୍ଧାର କରିବା ଓ ସେଥିପାଇଁ ଯେ କୌଣସି ପ୍ରତିପକ୍ଷକୁ ପ୍ରତିହତ କରିବା ସନ୍ତାନମାନଙ୍କ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପାଳନ ପାଇଁ ଭାଷା ଆନ୍ଦୋଳନ ଶପଥବଦ୍ଧ । ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, ମେଡ଼ିଆ କନସଲଟାଣ୍ଟ ପବିତ୍ର ମହାରଥା, ନିଉଜ୍ ଇନ୍‌ସାଇଟ ସଂପାଦକ ସାଗର ଶତପଥୀ କଳାପତାକା ଅଭିଯାନର ନେତୃତ୍ୱ ନେଉଥିବାବେଳେ ସେମାନଙ୍କ ସହ ସହସ୍ରାଧିକ ମାତୃଭାଷାପ୍ରେମୀ ଆଜି ଯେମିତି ଯୋଡ଼ି ହୋଇଛନ୍ତି , ୧୯୪୮ରେ ଯଦି ସେପରି ସମ୍ଭବ ହୋଇଥାନ୍ତା , ଚିରମନସ୍ୟ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସେହି ପ୍ରଥମ ପ୍ରସ୍ତାବ ସେହି ସମୟରେ ହିଁ ସାକାର ହୋଇଥାନ୍ତା । ୨୦୧୬ ବିଦାୟ ନେବା ପୂର୍ବରୁ ଏହା ହିଁ ସ୍ୱୀକାର କରି ଯାଇଛି ।

**ଅଧ୍ୟକ୍ଷ , ଭାଷା ଆନ୍ଦୋଳନ, ଓଡ଼ିଶା**

**ସଂଯୋଗ - ୯୪୩୭୩୦୮୫୮୯**